## ଭିସୁଟ୍‌ର 'ୱିଜଡମ୍ ଅନ୍ ହ୍ୱିଲ୍ସ'

# ଗାଁରେ ଗଢ଼ିବ ଜ୍ଞାନର ଚକ

- ଓଡ଼ିଶାରେ ଏଭଳି ପଦକ୍ଷେପ ପ୍ରଥମ
- କ୍ୟାମ୍ପସ୍ ବାହାରେ ପହଞ୍ଚିବ ବୈଷୟିକ ଶିକ୍ଷା
- ସ୍କୁଲ ପିଲା ଶିଖିବେ ଏଆଇ ପାଠ୍ୟକ୍ରମ




ବୁର୍ଲା, ୨୬।୧୧(ଆପ୍ର): ଏଣିକି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବ ଡିଜିଟାଲ୍ ଶିକ୍ଷା। କେବଳ ପାଠ୍ୟ ପୁସ୍ତକ ନୁହେଁ, କମ୍ପ୍ୟୁଟରର ମୌଳିକ ଜ୍ଞାନଠାରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଡିଜିଟାଲ୍ ଆର୍ଥିକ କାରବାର ପର୍ଯ୍ୟନ୍ତ ଶିକ୍ଷା ମିଳିବ ଗୋଟିଏ ମୋବାଇଲ୍ ଡିଜିଟାଲ୍ ଶିକ୍ଷା ବ୍ୟବସ୍ଥାରେ। ଏଥିପାଇଁ 'ଜ୍ଞାନ ବାହନରେ ଜ୍ଞାନ ବଣ୍ଟନ' ବା 'ୱିଜଡମ୍ ଅନ୍ ହ୍ୱିଲ୍ସ' ଅଭିଯାନର ଶୁଭାରମ୍ଭ ହୋଇଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଅଭିନବ ପଦକ୍ଷେପ ବୁର୍ଲାରେ ଆରମ୍ଭ ହୋଇଥିବାବେଳେ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଓ ପେଟିଏମ୍ ଫାଉଣ୍ଡେସନ୍ ମିଳିତ ଭାବେ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ଗୁରୁବାର ବୁର୍ଲାସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ବୁର୍ଲା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କରଣ ଶର୍ମା ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇଙ୍କ ସମେତ ଉଭୟ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅଭିଯାନରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା, ଏଆଇର ବ୍ୟବହାର, ଅନଲାଇନ୍ ଆର୍ଥିକ କାରବାର ଓ ପ୍ରକଳ୍ପଭିତ୍ତିକ ଶିକ୍ଷା ପ୍ରଦାନ କରାଯିବ। ଏହାଦ୍ୱାରା ଛାତ୍ରଛାତ୍ରୀ କେବଳ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଜାଣିବେ ନାହିଁ, ବରଂ ଏହାର ବ୍ୟବହାରିକ ଜ୍ଞାନ ମଧ୍ୟ ହାସଲ କରିପାରିବେ। ଡିଜିଟାଲ୍ ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କ ପାଖରେ ଏହି ସୁବିଧା ପହଞ୍ଚାଇ ଡିଜିଟାଲ୍ ବୈଷମ୍ୟ ଦୂର କରିବା ଏହାର ପ୍ରମୁଖ ଲକ୍ଷ୍ୟ। ଉଦ୍‌ଘାଟନୀ ଅବସରରେ କୁଳପତି ପ୍ରଫେସର ସାହୁ ଡିଜିଟାଲ୍ ସାକ୍ଷରତାକୁ ଆଜିର ସମୟର ଅତ୍ୟାବଶ୍ୟକ ଦକ୍ଷତା ବୋଲି ଅଭିହିତ କରିଥିଲେ। ସମାଜର ସବୁ ବର୍ଗର ଛାତ୍ରଛାତ୍ରୀଙ୍କୁ ସମାନ ଭାବେ ଡିଜିଟାଲ୍ ଶିକ୍ଷାର ସୁଯୋଗ ମିଳିବା ଜରୁରି ବୋଲି ସେ କହିବା ସହ ଏଭଳି ଅଭିନବ ପ୍ରୟାସ ପାଇଁ ଭିସୁଟ୍ ଓ ପେଟିଏମ୍ ଫାଉଣ୍ଡେସନ୍‌କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଭିସୁଟ୍ ସେଣ୍ଟର୍ ଫର୍ ଡିଷ୍ଟାନ୍ସ ଆଣ୍ଡ କଣ୍ଟିନ୍ୟୁଇଂ ଏଜୁକେସନ୍ ଡିନ୍ ପ୍ରଫେସର ଗଣେଶ୍ୱର ନାଥ, ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଏସ୍.କେ. ସ୍ୱାଇଁ, ପ୍ରଫେସର ସଞ୍ଜୟ ଅଗ୍ରୱାଲ, ଡ. ପି.କେ. ଦାସ, ଡ. ଏସ୍.ପି. ସାହୁ, ଡ. ସଙ୍ଗମିତ୍ରା ଜେନା ଓ ଡ. ଆଲିନା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।